ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR (OD)/CS-GA-1439-12/3/21



## ୮ ଟି ନୂଆ ପୁଞ୍ଜିନିବେଶ ପ୍ରକଳ୍ପ ଅନୁମୋଦିତ

### ପ୍ରକଳ୍ପ ଗୁଡ଼ିକର ତ୍ୱରିତ କ୍ଷେତ୍ରାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୧୨.୩.୨୧

ଓଡ଼ିଶାରେ ବ୍ୟବସାୟ ଅନୁକୂଳ ବାତାବରଣ ଓ ସ୍ୱଚ୍ଛ ବ୍ୟବସ୍ଥା ଯୋଗୁ ରାଜ୍ୟ ନୂତନ ପୁଞ୍ଜିନିବେଶ ପ୍ରସ୍ତାବ ଆକର୍ଷିତ କରିବାରେ ସମର୍ଥ ହୋଇଛି । ଆଜି ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ ସିଙ୍ଗିଲ୍ ୱିଣ୍ଡୋ କମିଟି ବୈଠକରେ ୮ ଟି ନୂତନ ପୁଞ୍ଜିନିବେଶ ପ୍ରକଳ୍ପକୁ ନିତୀଗତ ଅନୁମୋଦନ ଦିଆଯାଇଛି । ଡ଼ିଜିଟାଲ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା ପ୍ରକଳ୍ପ ଗୁଡିକର ବୈଷୟିକ, ଆର୍ଥିକ ଏବଂ ଭିତ୍ତିଭୂମି ସଂପର୍କିତ ବିଷୟ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ ।

ପ୍ରକଳ୍ପ ଗୁଡିକୁ ନୀତିଗତ ଅନୁମୋଦନ ଦେଇ ସେଗୁଡିକର ଆଶୁ କ୍ଷେତ୍ରାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗୁରୁତ୍ୱଆରୋପ କରିଥିଲେ । ଏଥି ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବା ପାଇଁ ଶ୍ରୀ ମହାପାତ୍ର ସଂପୃକ୍ତ ବିଭାଗମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିଳ୍ପମାନଙ୍କ ପାଇଁ ଆବଶ୍ୟକ ପଡୁଥିବା ଜମି ଓ ଜଳର ସଠିକ୍ ଆକଳନ କରିବା ସହ ଅଧିକ ନିଯୁକ୍ତି ଭିତ୍ତିକ ଶିଳ୍ପଗୁଡ଼ିକୁ ଅଗ୍ରାଧିକାର ଦେବାପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

ଆଜି ଅନୁମୋଦିତ ୮ଟି ପ୍ରକଳ୍ପରେ ସମୁଦାୟ ୧୨୧୪ କୋଟି ଟଙ୍କା ବିନିଯୋଗ ହେବା ସହ ୨୪୨୭ ବ୍ୟକ୍ତିଙ୍କ ନିମନ୍ତେ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

ନିତୀଗତ ଅନୁମୋଦନ ଲାଭ କରିଥିବା ପ୍ରକଳ୍ପ ଗୁଡ଼ିକ ହେଲା :

| କଂପାନୀ | ପ୍ରସ୍ତାବିତ ପ୍ରକଳ୍ପ | ପୁଞ୍ଜୀ(କୋଟି) | ନିଯୁକ୍ତି ସୁଯୋଗ |
|---|---|---|---|
| ଏନର୍ଜି ମିନେରାଲସ୍ ପ୍ରାଇଭେଟ୍ ଲିଃ | ଲୁହା ପଥର ବେନିଫିକେସନ୍ ଓ ପେଲେଟ୍ ପ୍ଲାଣ୍ଟ | 2୫୬ | ୨୭୪ |
| ଆଇ.ଟି.ସି. ଲିଃ | ୫-ତାରକା ବିଶିଷ୍ଟ ହୋଟେଲ୍ | ୧୪୧.୧୪ | ୧୨୦ |
| ଫାଲ୍‌କନ୍ ରିଅଲ୍-ଇଷ୍ଟେଟ୍ ପ୍ରାଇଭେଟ୍ ଲିଃ | ୫-ତାରକା ବିଶିଷ୍ଟ ହୋଟେଲ୍ | ୧୨୦.୨୬ | ୯୦୦ |
| ବ୍ରିଟାନିକା ଇଣ୍ଡଷ୍ଟ୍ରିଜ୍ ଲିଃ | ଖୋର୍ଦ୍ଧାରେ ଥିବା ବିସ୍କୁଟ୍ ଓ କେକ୍ ପ୍ରକଳ୍ପର ସଂପ୍ରସାରଣ | ୯୩.୬୦ | ୩୫୦ |
| ଇନ୍ଦାଲ୍‌କ୍ ସ୍ପିରିଟ୍ ପ୍ରଇଭେଟ୍ ଲିଃ | ଶସ୍ୟ ଭିତ୍ତିକ ଡ଼ିଷ୍ଟିଲେରୀ ପ୍ଲାଣ୍ଟ୍ | ୨୦୪.୬୦ | ୧୮୫ |

| | | | |
|---|---|---|---|
| ମାସ୍ ସ୍ପିରିଟ୍ସ୍ ପ୍ରାଇଭେଟ୍ ଲିଃ | ଶସ୍ୟ ଭିତ୍ତିକ ଡ଼ିଷ୍ଟିଲେରୀ ଏବଂ ବ୍ଟଲିଂ କାରଖାନା | ୨୦୪.୬୦ | ୧୮୫ |
| ସର୍ବେଶ ରିପ୍ରାକ୍ଟୋରିଜ୍ ପ୍ରାଇଭେଟ୍ ଲିଃ | ସୁନ୍ଦରଗଡ଼ ଜିଲ୍ଲାସ୍ଥିତ ରିଫ୍ରାକ୍ଟୋରୀ କାରଖାନାର ସଂପ୍ରସାରଣ | ୧୨୩.୨୫ | ୨୯୯ |
| ପୁରବ୍ ପ୍ୟାକେଜିଂ ପ୍ରାଇଭେଟ୍ ଲିଃ | ପଲି ପ୍ରପେଇନ୍ କାରଖାନା | ୬୦.୦୦ | ୬୦ |

ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ମୋନା ଶର୍ମା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ, ଜଳସଂପଦ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା, କୌଶଳ ବିକାଶ ଓ ବୈଷୟିକ ଶିକ୍ଷା ସଚିବ ତଥା ଇଡ଼କୋର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଂଜୟ କୁମାର ସିଂ, ଇପିକଲ୍‌ର ସି.ଏମ୍.ଡି. ଶ୍ରୀ ନିତୀନ୍ ଭାନୁଦାସ ଜାୱାଲେଙ୍କ ସମେତ ସଂପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ଶାସନ ସଚିବ ଓ ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ